# NATIONAL NEWS BULLETIN (ODIA)

## 07th January - 2026

## Morning Bulletin : 7.15 a.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଲକ୍ଜମ୍ବର୍ଗ ବିଭିନ୍ନ କ୍ଷେତ୍ରରେ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ରାଷ୍ଟ୍ର ହୋଇଛି; କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

- ଦେଶର ପ୍ରାୟ ସମସ୍ତ ୭୦ ହଜାର କିଲୋମିଟର ବ୍ରଡ୍‌ଗେଜ୍ ରେଳପଥରେ ବିଦ୍ୟୁତୀକରଣ ହୋଇଥିବା ସୂଚନା ।

- ଦେଶର ୧୭୦ରୁ ଅଧିକ କେନ୍ଦ୍ରୀୟ ସଂରକ୍ଷିତ ସ୍ମାରକୀ ଓ ସଂଗ୍ରହାଳୟ ପାଇଁ କାର୍ଯ୍ୟକାରୀ ହେଲା ଅନ୍‌ଲାଇନ୍ ଟିକେଟ୍ ବୁକିଂ ବ୍ୟବସ୍ଥା ।

- ରୁଷ୍-ୟୁକ୍ରେନ୍ ବିବାଦ ଅବସାନ ଲକ୍ଷ୍ୟ ନେଇ କୂଟନୈତିକ ଆଭିମୁଖ୍ୟ ଉପରେ ଆମେରିକା ପ୍ରତିନିଧି ମଣ୍ଡଳି ସହ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ଆଲୋଚନା ।

ଏବଂ

- ଆସନ୍ତାମାସ ୧୪ ତାରିଖରେ ଆରମ୍ଭ ହେବ ଇଣ୍ଡିଆନ୍ ସୁପର ଲିଗ୍ ଫୁଟ୍‌ବଲ୍ ପ୍ରତିଯୋଗିତା ।

## ଜୟଶଙ୍କର - ଲକ୍‌ଜମ୍‌ବର୍ଗ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ଲକ୍‌ଜମ୍‌ବର୍ଗ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ରାଷ୍ଟ୍ର ହୋଇଛି । ଫିନ୍‌ଟେକ୍, ମହାକାଶ ଏବଂ କୃତ୍ରିମ ବୁଦ୍ଧିମତ୍ତା ଭଳି କ୍ଷେତ୍ରଗୁଡ଼ିକରେ ଦ୍ୱିପାକ୍ଷିକ ସହଯୋଗିତା ବୃଦ୍ଧି ନେଇ ବ୍ୟାପକ ସମ୍ଭାବନା ରହିଥିବା ସେ କହିଛନ୍ତି । ଫ୍ରାନ୍‌ସ ଏବଂ ଲକ୍‌ଜମ୍‌ବର୍ଗକୁ ୬ ଦିନିଆ ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ଏହି ସୂଚନା ପ୍ରଦାନ କରିଛନ୍ତି । ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ଲକ୍‌ଜମ୍‌ବର୍ଗ ପ୍ରଧାନମନ୍ତ୍ରୀ ଲୁକ୍ ଫ୍ରିଡେନ୍ ଏବଂ ଉପପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଜାଭିଏର୍ ବେଟ୍ଟେଲ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଭାରତ-ୟୁରୋପୀୟ ସଂଘ ମଧ୍ୟରେ ସମ୍ପର୍କକୁ ମଜବୁତ୍ କରିବାରେ ଲକ୍‌ଜମ୍‌ବର୍ଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ଆଲୋଚନା କାଳରେ ନିବେଶ, ଆର୍ଥିକ କ୍ଷେତ୍ର, ପ୍ରଯୁକ୍ତିବିଦ୍ୟା, ନବସୃଜନ, ଡିଜିଟାଲ୍ ସେବା ଆଦି କ୍ଷେତ୍ର ଉପରେ ମତ ବିନିମୟ ହୋଇଥିବା ଡକ୍ଟର ଜୟଶଙ୍କର କହିଛନ୍ତି । ଏହି

ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ଲକ୍‌ଜମ୍‌ବର୍ଗର ଗ୍ରାଣ୍ଡ ଡ୍ୟୁକ୍ ଗୁଇଲାଉମ୍ ଏବଂ ପ୍ରବାସୀ ଭାରତୀୟଙ୍କ ସହ ପୃଥକ୍ ପୃଥକ୍ ଭାବେ ଆଲୋଚନା କରିଛନ୍ତି ।

## ରେଲ୍‌ୱେ ଇଲେକ୍ଟ୍ରିଫାଏଡ୍

ବିଶ୍ୱ ରେଳବାଇ କ୍ଷେତ୍ରରେ ବ୍ୟାପକ ବିଦ୍ୟୁତୀକରଣ ହୋଇଥିବା ବ୍ୟବସ୍ଥା ମଧ୍ୟରୁ ଭାରତୀୟ ରେଳବାଇ ଅନ୍ୟତମ ଭାବେ ପରିଗଣିତ ହେଉଛି । ଦେଶର ପ୍ରାୟ ସମସ୍ତ ୭୦ ହଜାର କିଲୋମିଟର ବ୍ରଡ୍‌ଗେଜ୍ ରେଳପଥରେ ଏବେ ବିଦ୍ୟୁତୀକରଣ ହୋଇସାରିଛି । ଗତବର୍ଷ ନଭେମ୍ବର ମାସ ପର୍ଯ୍ୟନ୍ତ ମୋଟ୍ ରେଳ ଯୋଗାଯୋଗର ୯୯ ପ୍ରତିଶତରୁ ଅଧିକ ବିଦ୍ୟୁତୀକରଣ ହୋଇସାରିଥିବା ଜଣାପଡ଼ିଛି । ଏକ୍ଷେତ୍ରରେ ଏହା ହେଉଛି ଏକ ଉଲ୍ଲେଖନୀୟ ସଫଳତା । ୨୦୦୪ରୁ ୨୦୧୪ ମଧ୍ୟରେ ଦୈନିକ ବିଦ୍ୟୁତୀକରଣ କାର୍ଯ୍ୟ ଦେଢ଼ କିଲୋମିଟରରୁ ବୃଦ୍ଧି ପାଇ ଗତ ୬ ବର୍ଷ ମଧ୍ୟରେ ଏହା ୧୫ କିଲୋମିଟରରେ ପହଞ୍ଚିଛି । ଗତ ନଭେମ୍ବର ସୁଦ୍ଧା ସୌରଶକ୍ତି କ୍ଷମତା ୯ ଶହ ମେଗାୱାଟ୍‌ରେ ପହଞ୍ଚିଥିବା ଜଣାପଡ଼ିଛି ।

## ଗୋୟଲ - ବ୍ରସେଲ୍ସ

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ୍ ଆସନ୍ତାକାଲିଠାରୁ ଦୁଇଦିନିଆ ବ୍ରସେଲ୍ସ ଗସ୍ତରେ ଯିବେ । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ କହିଛି, ନୂଆଦିଲ୍ଲୀ ଏବଂ ବ୍ରସେଲ୍ସ୍ ମଧ୍ୟରେ ଦୃଢ଼ କୂଟନୈତିକ ଏବଂ ରଣନୈତିକ ସମ୍ପର୍କକୁ ଶ୍ରୀ ଗୋୟଲଙ୍କ ଏହି ଗସ୍ତ ଗୁରୁତ୍ୱ ପ୍ରଦାନ କରୁଛି । ଭାରତ ଏବଂ ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିବା କ୍ଷେତ୍ରରେ ଶ୍ରୀ ଗୋୟଲଙ୍କ ଗସ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବା ବିବେଚନା କରାଯାଉଛି । ଗସ୍ତ ଅବସରରେ ଶ୍ରୀ ଗୋୟଲ୍ ୟୁରୋପୀୟ ସଂଘର ବାଣିଜ୍ୟ ଓ ଅର୍ଥନୈତିକ ସୁରକ୍ଷା କମିଶନର ମାରୋସ୍ ସେଫ୍‌କୋଭିକ୍‌ଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ଏ.ଏସ୍.ଆଇ. - ଟିକେଟ୍ ବୁକିଂ

ଦେଶର ୧୭୦ରୁ ଅଧିକ କେନ୍ଦ୍ରୀ ସଂରକ୍ଷିତ ସ୍ମାରକୀ ଏବଂ ସଂଗ୍ରହାଳୟପାଇଁ ଅନ୍‌ଲାଇନ୍ ଟିକେଟ୍ ବୁକିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ସଂସ୍କୃତି ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା - ଏ.ଏସ୍.ଆଇ. ଟିକେଟ୍ ବୁକିଂ ବ୍ୟବସ୍ଥାକୁ ଏକ

ଉନ୍ମୁକ୍ତ ଡିଜିଟାଲ ନେଟ୍‌ୱାର୍କ ସହିତ ସଂଯୁକ୍ତ କରିଛି । ଫଳରେ ପର୍ଯ୍ୟଟକମାନେ ବିଭିନ୍ନ ଆପ୍ ଜରିଆରେ ଟିକେଟ୍ ବୁକିଂ କରିବା ସହଜ ହୋଇପାରିଛି । ଆନ୍ତଃ ପରିଚାଳିତ ଡିଜିଟାଲ୍ ବ୍ୟବସ୍ଥା ମାଧ୍ୟମରେ ଗ୍ରହଣ କରାଯାଇଥିବା ଏହି ପଦକ୍ଷେପ ସାଧାରଣ ସେବାର ସ୍ୱଚ୍ଛ ଏବଂ ସୁବ୍ୟବସ୍ଥିତ ପରିଚାଳନାକୁ ସୁଦୃଢ଼ କରୁଛି । ମନ୍ତ୍ରଣାଳୟ କହିଛି, ଏହି ଅନ୍‌ଲାଇନ୍ ଟିକେଟ୍ ବୁକିଂ ବ୍ୟବସ୍ଥାରେ ଭାରତୀୟ ପର୍ଯ୍ୟଟକଙ୍କପାଇଁ ୫ ଟଙ୍କା ଏବଂ ବିଦେଶୀ ନାଗରିକଙ୍କ ପାଇଁ ୫୦ ଟଙ୍କା ପର୍ଯ୍ୟନ୍ତ ରିହାତି ସୁବିଧା ପ୍ରଦାନ କରାଯାଉଛି ।

## ଏମ୍.ଆଇ.ବି. - ୱେଭ୍-ଏକ୍ସ

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ ଷ୍ଟାର୍ଟଅପ୍ ତ୍ୱରାନ୍ୱିତ ପଦକ୍ଷେପ ୱେଭ୍-ଏକ୍ସ ଏବଂ ଦିଲ୍ଲୀ ଆଇ.ଆଇ.ଟି.ର ଫାଉଣ୍ଡେସନ୍ ଫର୍ ଇନୋଭେସନ ଆଣ୍ଡ ଟେକ୍ନୋଲୋଜି ଟ୍ରାନ୍ସଫର୍ମ - ଏଫ୍.ଆଇ.ଟି.ଟି. ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଗଣମାଧ୍ୟମ, ମନୋରଞ୍ଜନ କ୍ଷେତ୍ର, ପ୍ରସାରଣ ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନବସୃଜନ, ଇନ୍‌କ୍ୟୁବେସନ ଏବଂ ଉଦ୍ୟୋଗିତାକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ମନ୍ତ୍ରଣାଳୟ କହିଛି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଜାଜୁଙ୍କ ଉପସ୍ଥିତିରେ ବୁଝାମଣାପତ୍ର ସ୍ୱାକ୍ଷରିତ

ହୋଇଛି । ଶ୍ରୀ ଜାଜୁ କହିଛନ୍ତି, ୱେଭ୍-ଏକ୍ସକୁ ଗଣମାଧ୍ୟମ ଏବଂ ମନୋରଞ୍ଜନ ପ୍ରଯୁକ୍ତିବିଦ୍ୟାରେ ନବସୃଜନ ପାଇଁ ଏକ ଜାତୀୟ ମଞ୍ଚ ଭାବେ ପରିକଳ୍ପନା କରାଯାଇଛି । ଏଭଳି ପଦକ୍ଷେପ ୱେଭ୍-ଏକ୍ସ କାର୍ଯ୍ୟକ୍ରମର ବ୍ୟାପକତାକୁ ଅଧିକ ସହଯୋଗ ପ୍ରଦାନ କରିବ ବୋଲି ଶ୍ରୀ ଜାଜୁ କହିଛନ୍ତି ।

## ୟୁକ୍ରେନ୍-ୟୁ.ଏସ୍. ମିଟ୍

ରୁଷ୍-ୟୁକ୍ରେନ ବିବାଦର ଅବସାନ ଲକ୍ଷ୍ୟ ନେଇ କୂଟନୈତିକ ଆଭିମୁଖ୍ୟ ଉପରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଦିମିର ଜେଲେନେସ୍କି ପ୍ୟାରିସ୍‌ଠାରେ ଗତରାତିରେ ଆଲୋଚନା କରିଛନ୍ତି । ଆମେରିକାର ପ୍ରତିନିଧି ଷ୍ଟିଭ୍ ୱିଟ୍‌କଫ୍ ଏବଂ ଜରେଡ୍ କୁଶନର୍‌ଙ୍କ ସହ ଶ୍ରୀ ଜେଲେନେସ୍କି ଏହି ବୈଠକରେ ଯୋଗ ଦେଇଥିଲେ । ୟୁକ୍ରେନ୍‌ର ସୁରକ୍ଷାକୁ ନିଶ୍ଚିତ ତଥା ପୁନଃନିର୍ମାଣ କ୍ଷେତ୍ରରେ ସହଯୋଗ ପ୍ରଦାନ କରିବା ନେଇ ଆମେରିକାର ନିଷ୍ପତ୍ତିକୁ ଶ୍ରୀ ଜେଲେନେସ୍କି ସ୍ୱାଗତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଜେଲେନେସ୍କି କହିଛନ୍ତି, ଯୁଦ୍ଧ ସମାପ୍ତ ନେଇ କୂଟନୈତିକ ପଥ ଉନ୍ମୋଚନ ଉପରେ ଆଲୋଚନା ଜାରି ରହିଛି । ଫ୍ରାନ୍‌ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍ କହିଛନ୍ତି, ଏହି ବୈଠକ ୟୁକ୍ରେନ୍‌ରେ ଶାନ୍ତିରକ୍ଷାପାଇଁ ସୁରକ୍ଷାକୁ ସୁନିଶ୍ଚିତ କରିବା ଉପରେ ଉଲ୍ଲେଖନୀୟ ସାବ୍ୟସ୍ତ ହେବ ।

# ପ୍ରଗତି ସ୍ପେଶାଲ୍ ଷ୍ଟୋରୀ

ଦେଶରେ ସ୍ୱଚ୍ଛ ପ୍ରଶାସନ ଏବଂ ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ପଦକ୍ଷେପ 'ପ୍ରଗତୀ' ଏହାର ୫୦ତମ ବୈଠକ ସଫଳ ପରିଚାଳନା ସହିତ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି । ୨୦୧୫ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଏବଂ ଜନସାଧାରଣଙ୍କ ଅଭିଯୋଗର ସମୟୋପଯୋଗୀ ସମାଧାନକୁ ଏହା ସଫଳ କରିପାରିଛି । କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟଗୁଡ଼ିକୁ ଏକ ଡିଜିଟାଲ୍ ଇଣ୍ଟରଫେସ୍ ମାଧ୍ୟମରେ ସମନ୍ୱୟ କରାଯାଇ ସମବାୟ ସଂଘୀୟତାର ଉଦାହରଣ ସୃଷ୍ଟି ହୋଇଛି । ପ୍ରଗତୀର ବିଶେଷ ସିରିଜ୍‌ରେ ଆଜି ଆସନ୍ତୁ ଜାଣିବା ହିମାଚଳ ପ୍ରଦେଶର ଦ୍ୱିତୀୟ ପାର୍ବତୀ ଜଳବିଦ୍ୟୁତ୍ ପ୍ରକଳ୍ପ ସମ୍ପର୍କରେ ।

ଦ୍ୱିତୀୟ ପାର୍ବତୀ ଜଳବିଦ୍ୟୁତ୍ ପ୍ରକଳ୍ପ' ହିମାଚଳ ପ୍ରଦେଶର କୁଲ୍ଲୁ ଜିଲ୍ଲାର ପାର୍ବତୀ ନଦୀ ଉପରେ ଏନ୍.ଏଚ୍.ପି.ସି. ଲିମିଟେଡ୍‌ଦ୍ୱାରା ନିର୍ମାଣ କରାଯାଇଛି । ଦେଶର ସବୁଠାରୁ ଜଟିଳ ଏବଂ ଗୁରୁତ୍ୱପୂର୍ଣ୍ଣ ଜଳବିଦ୍ୟୁତ୍ ପ୍ରକଳ୍ପ ମଧ୍ୟରେ ଏହା ଅନ୍ୟତମ । ବାର୍ଷିକ ୩ ହଜାର ୭୪ ନିୟୁତ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ କରିବାପାଇଁ ଏହି ପ୍ରକଳ୍ପ ନିର୍ମାଣ କରାଯାଇଛି । ହିମାଚଳ ପ୍ରଦେଶ,

ଦିଲ୍ଲୀ, ଜମ୍ମୁ-କାଶ୍ମୀର, ପଞ୍ଜାବ, ହରିୟାଣା, ରାଜସ୍ଥାନ, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡୀଗଡ଼ ଆଦି ଅଞ୍ଚଳ ଏହି ଜଳବିଦ୍ୟୁତ୍ ପ୍ରକଳ୍ପର ସୁଫଳ ପାଇଥା'ନ୍ତି । ତେବେ ନିର୍ମାଣ ସମୟରେ ଜମି ଅଧିଗ୍ରହଣ, କିସମ ପରିବର୍ତ୍ତନ ସମ୍ବନ୍ଧୀୟ ଆହ୍ୱାନଗୁଡ଼ିକଦ୍ୱାରା ଅଗ୍ରଗତି ବାଧାପ୍ରାପ୍ତ ହୋଇଥିଲା । ୨୦୧୬ ଫେବୃୟାରୀ ୧୭ ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ପ୍ରଗତୀ ପଦକ୍ଷେପ ମାଧ୍ୟମର ପ୍ରକଳ୍ପର ସ୍ଥିତି ନେଇ ସମୀକ୍ଷା କରିବା ପରେ ରହିଥିବା ଆହ୍ୱାନଗୁଡ଼ିକର ତୁରନ୍ତ ସମାଧାନ ହୋଇଥିଲା । ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ୪ଟି ଉତ୍ପାଦନକାରୀ ୟୁନିଟ୍ ମଧ୍ୟରୁ ୩ଟି ଗତବର୍ଷ ଏପ୍ରିଲ୍ ପହିଲାରେ ଏବଂ ଚତୁର୍ଥଟି ଏପ୍ରିଲ୍ ୧୬ ତାରିଖରେ କାର୍ଯ୍ୟକ୍ଷମ ହୋଇଥିଲା । ମୋଟ୍ ୮୦୦ ମେଗାୱାଟ୍ କ୍ଷମତାବିଶିଷ୍ଟ ଏହି ପ୍ରକଳ୍ପରୁ ସମ୍ପୂର୍ଣ୍ଣରୂପେ ବାଣିଜ୍ୟିକ ବିଦ୍ୟୁତ୍ ଉତ୍ପାଦନ କାର୍ଯ୍ୟକ୍ଷମ ହୋଇଥିଲା । ପ୍ରଗତୀ ପଦକ୍ଷେପଦ୍ୱାରା ଭିତ୍ତିଭୂମି ଯୋଜନା, କାର୍ଯ୍ୟାନ୍ୱୟନ ତ୍ୱରିତ ହେବା ସହ ଦେଶର ଶକ୍ତିକ୍ଷେତ୍ରରେ ବର୍ଦ୍ଧିତ କ୍ଷମତାକୁ ପ୍ରତିପାଦନ କରୁଛି ।

## ନୀତି ଆୟୋଗ

ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ବାଣିଜ୍ୟ ତଦାରଖ ଟ୍ରେଡ୍ ୱାଚ୍‌ର ପଞ୍ଚମ ସଂସ୍କରଣକୁ ନୀତି ଆୟୋଗ ପକ୍ଷରୁ ଶୁଭାରମ୍ଭ କରାଯାଇଛି । ନୂଆଦିଲ୍ଲୀରେ ଗତକାଲି ପ୍ରକାଶିତ ଏହି ସଂସ୍କରଣରେ ଦେଶର ବାଣିଜ୍ୟ

କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଉପରେ ଆଲୋକପାତ କରାଯାଇଛି । ନୀତି ଆୟୋଗର ସଦସ୍ୟ ଡକ୍ଟର ଅରବିନ୍ଦ ଭୀରମାନି ଏହି ଅବସରରେ କହିଛନ୍ତି, ବିଶ୍ୱ ପରିସ୍ଥିତି ମଧ୍ୟରେ ଦେଶର ବିକଶିତ ବାଣିଜ୍ୟ ପ୍ରଦର୍ଶନରେ ଏକ ବ୍ୟାପକ ତଥା ତଥ୍ୟ ଆଧାରିତ ମୂଲ୍ୟାଙ୍କନ ଏହି ସଂସ୍କରଣରେ ସ୍ଥାନିତ ହୋଇଛି । ଦେଶର ରପ୍ତାନୀ ପ୍ରତିଯୋଗିତା ମଧ୍ୟରେ ଅଟୋମୋବାଇଲ୍ ଭଳି କ୍ଷେତ୍ରରେ ଦୀର୍ଘକାଳୀନ ଅଭିବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟିପାଇଁ ଏହି ପ୍ରକାଶନ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ଶ୍ରୀ ଭୀରମାନି କହିଛନ୍ତି ।

## ରବି କ୍ରପ୍ ଡାଟା

ଦେଶରେ ଗତ ୨ ତାରିଖ ସୁଦ୍ଧା ୬୩୪ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ରବି ଫସଲ ପାଇଁ ବିହନ ବୁଣା ହୋଇଥିବା  କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ କହିଛି । ଗତବର୍ଷ ତୁଳନାରେ ଚଳିତ ଥର ଏକ୍ଷେତ୍ରରେ  ଅଭିବୃଦ୍ଧି ଘଟିବା ସହ ମୋଟ୍ ୧୬ ଲକ୍ଷରୁ ଅଧିକ ହେକ୍ଟର ଜମିରେ ବିହନ ବୁଣା ହୋଇଛି । ୩୧୨ ଲକ୍ଷରୁ ଅଧିକ ହେକ୍ଟର ଜମିରେ ଗହମ ଏବଂ ୪୨ ଲକ୍ଷ ହେକ୍ଟର ଜମିରେ ଧାନ ବୁଣାଯାଇଛି । ଡାଲିଜାତୀୟ ଫଲସ ବୃଦ୍ଧିପାଇଁ ୧୪୦ ଲକ୍ଷ ହେକ୍ଟରରେ ପହଞ୍ଚିଥିବା ଜଣାପଡ଼ିଛି । ଗତବର୍ଷ ତୁଳନାରେ ଏଥିରେ

୧୦ ଲକ୍ଷ ହେକ୍ଟର ଅଧିକ ବୃଦ୍ଧି ପାଇଛି । କୃଷି ଓ କୃଷକ କଲ୍ୟାଣ ବିଭାଗ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏ ସଂକ୍ରାନ୍ତ ସୂଚନା ପ୍ରତିଫଳିତ ହୋଇଛି ।

## ମାଣ୍ଡଭିୟ - ଆଇ.ଏସ୍.ଏଲ୍

ଇଣ୍ଡିଆନ୍ ସୁପର ଲିଗ୍ ଫୁଟ୍‌ବଲ୍ ପ୍ରତିଯୋଗିତା ଆସନ୍ତାମାସ ୧୪ ତାରିଖରେ ଆରମ୍ଭ ହେବ ବୋଲି କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ ଘୋଷଣା କରିଛନ୍ତି । ଅଖିଳ ଭାରତୀୟ ଫୁଟ୍‌ବଲ ସଂଘ ଏବଂ ବିଭିନ୍ନ ଫୁଟ୍‌ବଲ୍ କ୍ଲବ୍‌ର ପ୍ରତିଯୋଗୀଙ୍କ ସହ ମିଳିତ ବୈଠକ ପରେ ଶ୍ରୀ ମାଣ୍ଡଭିୟ ଏହି ସୂଚନା ପ୍ରଦାନ କରିଛନ୍ତି । ଗତ ସେପ୍ଟେମ୍ବର ମାସରେ ଆରମ୍ଭ ହେବାକୁ ଥିବା ଏହି ପ୍ରତିଯୋଗିତା ଅଖିଳ ଭାରତ ଫୁଟ୍‌ବଲ୍ ସଂଘଦ୍ୱାରା ଗ୍ରହଣ କରାଯାଇଥିବା କେତେକ ପଦକ୍ଷେପର ବିରୋଧ ଯୋଗୁଁ ସମ୍ଭବ ହୋଇପାରି ନ ଥିଲା । ଶ୍ରୀ ମାଣ୍ଡଭିୟ କହିଛନ୍ତି, ପ୍ରତିଯୋଗିତାରେ ୯୧ଟି ମ୍ୟାଚ୍ ଖେଳାଯିବ । ଚୂଡ଼ାନ୍ତ ସମୟ ସୂଚୀ ଖୁବ୍‌ଶୀଘ୍ର ପ୍ରକାଶ ପାଇବ ବୋଲି ସେ କହିଛନ୍ତି ।

ଫୁଟ୍‌ବଲ୍ ସଂଘ ସଭାପତି କଲ୍ୟାଣ ଚୌବେ କହିଛନ୍ତି, ଦ୍ୱିତୀୟ ଡିଭିଜନ୍ ଆଇ-ଲିଗ୍ ମଧ୍ୟ ସେହି ସମୟରେ ଆରମ୍ଭ ହେବାକୁ ଯାଉଛି । ୧୧ଟି କ୍ଲବ୍ ଏଥିରେ ସାମିଲ୍ ହେବା ସହ ୫୫ଟି ମ୍ୟାଚ୍ ଅନୁଷ୍ଠିତ ହେବ । ଶ୍ରୀ ଚୌବେ

କହିଛନ୍ତି, ଉଭୟ ଲିଗ୍ ପରିଚାଳନା ପାଇଁ ଏକ ପରିଷଦ ବୋର୍ଡ଼ ଗଠନ କରାଯିବ ।

*****